

ତ୍ରିଶୂଳିଆ (ଭାସ୍କର ନ୍ୟୁଜ) : ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ମୁଣ୍ଡଳୀସ୍ଥିତ ଏନଡିଆରଏଫ ୩ୟ ବାହିନୀ ପକ୍ଷରୁ 'ରୋପ ୱେ' ନିରାପତ୍ତା ସମ୍ବନ୍ଧୀୟ ଏକ ଉଦ୍ଧାରକାର୍ଯ୍ୟ ଅଭ୍ୟାସ ଅନୁଷ୍ଠିତ ହୋଇଯାଇଛି। ନନ୍ଦନକାନନରେ ଦାମୋଦର ରୋପୱେ ଆଣ୍ଡ ଇନ୍‌ଫ୍ରା ଲିମିଟେଡ୍ (ଡ୍ରିଲ) ଦ୍ୱାରା ଏହି ରୋପୱେ ପରିଚାଳିତ ହେଉଛି। ନନ୍ଦନକାନନ, ଡ୍ରିଲ ଓ ଏନଡିଆରଏଫର ମିଳିତ ସହଭାଗିତାରେ ଏହି ଉଦ୍ଧାରକାର୍ଯ୍ୟ ଅଭ୍ୟାସ ଅନୁଷ୍ଠିତ ହୋଇଥିଲା। ରୋପୱେ ଚାଲୁଥିବା ବେଳେ କୌଣସି ଆପାତକାଳୀନ ସମୟରେ ପର୍ଯ୍ୟଟକଙ୍କୁ କିପରି ସୁରକ୍ଷିତ ଭାବେ ଉଦ୍ଧାର କରାଯାଇପାରିବ ସେନେଇ ଏହି ମିଳିତ ଅଭ୍ୟାସ ଅନୁଷ୍ଠିତ ହୋଇଥିଲା। ପ୍ରାଣୀ ଉଦ୍ୟାନରୁ ରାଜ୍ୟ ଉଦ୍ଭିଦ ଉଦ୍ୟାନକୁ ସଂଯୋଗ କରୁଥିବା ଏହି ରୋପୱେରେ ପର୍ଯ୍ୟଟକମାନେ କାଞ୍ଜିଆ ହ୍ରଦର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିପାରିବେ। ୧୨ଟି ପ୍ରକୋଷ୍ଠ ବିଶିଷ୍ଟ ଏହି ରୋପୱେର ଗୋଟିଏ ପ୍ରକୋଷ୍ଠରେ ୬ ଜଣ ପର୍ଯ୍ୟଟକ ବସିବା ସୁବିଧା ରହିଥିବାବେଳେ ଏକା ସାଙ୍ଗରେ ୭୨ ଜଣ ଏହାର ମଜା ନେଇପାରିବେ। ଏହି ଅଭ୍ୟାସରେ ମୁଣ୍ଡଳୀସ୍ଥିତ ଏନଡିଆରଏଫର ୩ୟ ବାହିନୀର ଡେପୁଟି କମାଣ୍ଡାଣ୍ଟ ଧନଞ୍ଜୟ କୁମାର, ନନ୍ଦନକାନନର ରୋପୱେ ଅଧିକାରୀ ରହେମାନ ମଣ୍ଡଳ, ସୋମୁ ବାନାର୍ଜୀ, ପନାନ ପୁଞ୍ଜିଆରାଙ୍କ ସମେତ ନନ୍ଦନକାନନର ବହୁ ଅଧିକାରୀ ଉପସ୍ଥିତ ରହିଥିଲେ।

ଚାନ୍ଦବାଲିରେ ନବୀନଙ୍କ ଦମଦାର ପ୍ରଚାର
ମିଶନଶକ୍ତି ମା'ଙ୍କୁ ମିଳିବ ପେନ୍‌ସନ୍

ଚାନ୍ଦବାଲି (ଭାସ୍କର ନ୍ୟୁଜ): ଗୁରୁବାର ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଚାନ୍ଦବାଲି ଗସ୍ତରେ ଯାଇ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଜୋରଦାର ପ୍ରଚାର କରିଛନ୍ତି। ଏହି ଉପଲକ୍ଷେ ଆୟୋଜିତ ଏକ ବିଶାଳ ଜନସମାବେଶକୁ ଉଦ୍‌ବୋଧନ ଦେଇ ଶ୍ରୀ ପଟ୍ଟନାୟକ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ବିଏସକେୱାଇ, ମିଶନଶକ୍ତି, ମମତା, ଲକ୍ଷ୍ମୀବସ୍, ୫-ଟି ସ୍କୁଲ ରୂପାନ୍ତରଣ, ପିଲାଙ୍କ ବୃତ୍ତି, କାଳିଆ ଯୋଜନା, ମଧୁବାବୁ ପେନସନ ଯୋଜନା, ଚାଉଳ କାର୍ଡ, ପୁରୀ ଶ୍ରୀମନ୍ଦିର କାମ ସଂପର୍କରେ ଉଲ୍ଲେଖ କରି ଲୋକଙ୍କ ମତ ଲୋଡ଼ିଥିଲେ। ସେ କହିଥିଲେ, ଆସନ୍ତା ଜୁଲାଇ ମାସରୁ ଆଉ ବିଜୁଳି ବିଲ୍ ଆସିବ ନାହିଁ। ମିଶନଶକ୍ତି ମା'ମାନଙ୍କୁ ପେନସନ ମିଳିବ। ସମସ୍ତଙ୍କୁ ବିଏସକେୱାଇ କାର୍ଡ ଯୋଗାଇ ଦିଆଯିବ। ସେ କହିଥିଲେ, ବିରୋଧୀଦଳ ନେତାମାନେ ସବୁବେଳେ ମିଛ ପ୍ରଚାର କରୁଛନ୍ତି। କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ବିଜୁ ଜନତାଦଳ ବିଧାୟକ ଓ ସାଂସଦ ପ୍ରାର୍ଥୀଙ୍କୁ ବିପୁଳ ଭୋଟରେ ବିଜୟୀ କରିବାକୁ ଅନୁରୋଧ କରିଥିଲେ। ଏହି ସମାରୋହରେ ଦଳର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ଯୋଗଦେଇ କହିଥିଲେ ଯେ ଓଡ଼ିଶାବାସୀଙ୍କ ଭଲପାଇବା ଓ ମୁଖ୍ୟମନ୍ତ୍ରୀଙ୍କ ସ୍ନେହ ତଥା କଠିନ ପରିଶ୍ରମକୁ ସମ୍ମାନ ଦେଇ ମୁଁ ରାଜନୀତିକୁ ଆସିଲି। ଏବେ ମଧ୍ୟ ରାଜନୀତି ଭଲଭାବେ ଶିଖିନାହିଁ। କିନ୍ତୁ ଆପଣମାନଙ୍କ ଭଲ ପାଇବା ମୋତେ ମୁଗ୍ଧ କରିଛି ବୋଲି ସେ କହିଥିଲେ। ସେ କହିଥିଲେ, ଆପଣମାନଙ୍କ ଆଶୀର୍ବାଦ, ମହାପ୍ରଭୁଙ୍କ ଆଶୀର୍ବାଦ ଓ ବାବା ଆଖଣ୍ଡଳମଣୀଙ୍କ ଆଶୀର୍ବାଦରେ ନବୀନ ପଟ୍ଟନାୟକ ପୁଣିଥରେ ଜୁନ୍ ୯ରେ ମୁଖ୍ୟମନ୍ତ୍ରୀ ଭାବେ ଶପଥଗ୍ରହଣ କରିବେ। ସେ କହିଥିଲେ, ସାଢେ ୪ କୋଟି ଓଡ଼ିଆ ହେଉଛନ୍ତି ମୁଖ୍ୟମନ୍ତ୍ରୀଙ୍କ ପରିବାର। ନବୀନ ବାବୁ ହେଉଛନ୍ତି ପରିବାରର ମୁଖିଆ। ଆପଣମାନଙ୍କୁ ଖୁସିରେ ରଖିବା ପାଇଁ ମୁଖ୍ୟମନ୍ତ୍ରୀ ଏହିସବୁ ଯୋଜନା ପ୍ରଣୟନ କରିଥିବା ସେ କହିଥିଲେ।

ସୁନ୍ଦରଗଡ଼ ହସ୍ପିଟାଲରେ ୪ଜଣଙ୍କ ଅସ୍ୱାଭାବିକ ମୃତ୍ୟୁ

ସୁନ୍ଦରଗଡ଼ (ଭାସ୍କର ନ୍ୟୁଜ): ରାଉରକେଲା ଆରଜିଏଚ୍‌ରେ ୧୦ଜଣଙ୍କର ସାଢେ ୬ ଘଣ୍ଟା ମଧ୍ୟରେ ଅସ୍ୱାଭାବିକ ମୃତ୍ୟୁ ଘଟିଥିବାବେଳେ ସୁନ୍ଦରଗଡ଼ ସଦର ହସ୍ପିଟାଲରେ ମଧ୍ୟ ଅନୁରୂପ ଘଟଣା ଘଟିଛି। ସେଠାରେ ଚିକିତ୍ସାପାଇଁ ଭର୍ତ୍ତି ହୋଇଥିବା ୪ଜଣଙ୍କର ଅସ୍ୱାଭାବିକ ମୃତ୍ୟୁ ଘଟିଛି। ହିଟୱେଭ ଯୋଗୁ ସେମାନଙ୍କ ମୃତ୍ୟୁ ଘଟିଥିବା ଆଶଙ୍କା କରାଯାଉଛି।

କେନ୍ଦୁଝରର କାସାଣ୍ଡ୍ରା କଲଚରାଲ କ୍ଲବ ତରଫରୁ ନାଟକ ମଞ୍ଚସ୍ଥ

କେନ୍ଦୁଝର(ଭାସ୍କର ନ୍ୟୁଜ): ଓଡ଼ିଶାର ସୁନାମଧନ୍ୟ ନାଟକ ଅନୁଷ୍ଠାନ କାସାଣ୍ଡ୍ରା କଲଚରାଲ କ୍ଲବ ତରଫରୁ କେନ୍ଦୁଝର ଟାଉନ ହଲ ପରିସରରେ କ୍ଲବର କଳାକାରମାନଙ୍କ ଦ୍ୱାରା ମଞ୍ଚସ୍ଥ ହୋଇଛି। କାସାଣ୍ଡ୍ରା କଲଚରାଲ କ୍ଲବ ତରଫରୁ ଆୟୋଜିତ ଏହି ନାଟକ ଉତ୍ସବରେ ଆକାଶବାଣୀ କେନ୍ଦୁଝରର ସହକାରୀ କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଶ୍ରୀ ଆତମେଶ୍ୱର ଝା, କେନ୍ଦୁଝରର ପୂର୍ବତନ ନଗରପାଳ ତଥା କ୍ଲବର ପୂର୍ବତନ ସଭାପତି ହରିହର ସାହୁ, କ୍ଲବର ସାଂସ୍କୃତିକ ସମ୍ପାଦକ ରବୀନ୍ଦ୍ର କୁମାର ସେଠୀ, ଓ ତୁଷାର ସାମନ୍ତ ଅତିଥି ଭାବେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଓଁ ସାଇ ସାଂସ୍କୃତିକ ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ଓଡିଶୀ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା। ପରେ କ୍ଲବର ସଦସ୍ୟ ସଞ୍ଜୟ ପାଇକରାୟ ଓ ସଙ୍ଗୀତ ନିର୍ଦ୍ଦେଶକ ଶ୍ୟାମ ସୁନ୍ଦର ପଣ୍ଡାଙ୍କ ନିର୍ଦ୍ଦେଶନାରେ ନାଟକ ଡିଜିଟାଲ ସ୍ୱର୍ଗ ମଞ୍ଚସ୍ଥ ହୋଇଥିଲା। ବହୁ ସଂଖ୍ୟାରେ ନାଟକ ପ୍ରେମୀ ଏହି ନାଟକକୁ ଉପଭୋଗ କରିଥିଲେ। କେନ୍ଦୁଝରର କାସାଣ୍ଡ୍ରା କଲଚରାଲ କ୍ଲବ ପ୍ରତିବର୍ଷ ବିଭିନ୍ନ ମଞ୍ଚରେ ନାଟକ ପରିବେଷଣ କରି ଅନେକ ଗୌରବ ହାସଲ କରିଛି। ଆଜିର ନାଟକ ଡିଜିଟାଲ ସ୍ୱର୍ଗ ଦର୍ଶକଙ୍କ ମଧ୍ୟରେ ବେଶ ଆଦୃତ ହୋଇଥିବା ଦେଖିବାକୁ ମିଳିଛି।

ବାଲେଶ୍ୱର,ଭଦ୍ରକ ଲୋକସଭା କ୍ଷେତ୍ରରେ ପାଣ୍ଡିଆନଙ୍କ ପ୍ରଚାର
ସାଢେ ୪ କୋଟି ଓଡ଼ିଶାବାସୀ ମୁଖ୍ୟମନ୍ତ୍ରୀଙ୍କ ପରିବାର

ସିମୁଳିଆ/ସୋରୋ/ଧାମନଗର/ଭଣ୍ଡାରୀପୋଖରୀ (ଭାସ୍କର ନ୍ୟୁଜ): ବିଜୁ ଜନତା ଦଳର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ଆଜି ବାଲେଶ୍ୱର ଓ ଭଦ୍ରକ ଲୋକସଭା କ୍ଷେତ୍ରରେ ନିର୍ବାଚନ ପ୍ରଚାର କରି ମୁଖ୍ୟମନ୍ତ୍ରୀଙ୍କ ହାତମୁଠାକୁ ଟାଣ କରିବାକୁ ଆହ୍ୱାନ ଦେଇଛନ୍ତି। ସିମୁଳିଆ, ସୋରୋ, ଧାମନଗର ଓ ଭଣ୍ଡାରୀପୋଖରୀରେ ବିଶାଳ ଜନସଭାରେ ଯୋଗ ଦେଇ ବିଜୁ ଜନତା ଦଳର ପ୍ରାର୍ଥୀମାନଙ୍କୁ ଆଶୀର୍ବାଦ କରିବାକୁ ନିବେଦନ କରିଛନ୍ତି। ଆୟୋଜିତ ସଭାଗୁଡ଼ିକରେ ସେ କହିଥିଲେ ଯେ, ସାଢ଼େ ୪ କୋଟି ଓଡ଼ିଶାବାସୀ ହେଉଛନ୍ତି ମୁଖ୍ୟମନ୍ତ୍ରୀଙ୍କ ପରିବାର। ସେ ହେଉଛନ୍ତି ପରିବାରର ମୁଖିଆ। ମୁଖିଆ ଭାବରେ ସେ ଆପଣମାନଙ୍କ ଆର୍ଥିକ ବୋଝ ହାଲ୍‌କା କରିବା ପାଇଁ କାମ କରୁଛନ୍ତି। କିନ୍ତୁ କେନ୍ଦ୍ରର ବିଜେପି ସରକାର ଆପଣମାନଙ୍କ ବୋଝ ବଢ଼େଇ ବଢ଼େଇ ଚାଲିଛନ୍ତି। ସେ କହିଲେ ଯେ, ମହାପ୍ରଭୁଙ୍କ ଆଶୀର୍ବାଦରୁ ଓ ଆପଣମାନଙ୍କ ଆଶୀର୍ବାଦରୁ ନବୀନ ପଟ୍ଟନାୟକ ପୁଣି ଥରେ ଜୁନ ୯ ତାରିଖରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ। ପ୍ରଥମ ଦସ୍ତଖତରେ ସମସ୍ତଙ୍କୁ ବିଜୁଳି ବିଲ୍‌ରୁ ମୁକ୍ତ କରିବେ। ଦ୍ୱିତୀୟ ଦସ୍ତଖତରେ ବିଏସ୍‌କେୱାଇ କାର୍ଡ ସମସ୍ତେ ପାଇବେ। ତୃତୀୟ ଦସ୍ତଖତରେ ୬୦ ବର୍ଷ ପରେ ମିଶନ ଶକ୍ତି ସଦସ୍ୟାମାନଙ୍କ ପାଇଁ ପେନ୍‌ସନ ବ୍ୟବସ୍ଥା କରିବେ। କଲେଜ ପିଲାମାନଙ୍କ ନୂଆ-ଓ ସ୍କଲାରସିପ୍‌କୁ ମଧ ବୃଦ୍ଧି କରିବେ। ପୁଅ ପିଲା ୯ ହଜାର ପରିବର୍ତ୍ତେ ପାଇବେ ୧୨ ହଜାର, ଝିଅ ପିଲା ୧୦ ହଜାର ପରିବର୍ତ୍ତେ ପାଇବେ ୧୪ ହଜାର ଟଙ୍କା। ପିଲାଙ୍କ ପାଇଁ ଏଭଳି ଯୋଜନା ଦେଶରେ କୌଣସି ରାଜ୍ୟ କରିନାହାନ୍ତି ବୋଲି ସେ କହିଥିଲେ। ଏ ସବୁ ପଦକ୍ଷେପର ଉଦ୍ଦେଶ୍ୟକୁ ବୁଝାଇ ସେ କହିଲେ ଯେ, ୫-ଟି ସ୍କୁଲ, କଲେଜ ଯୋଗୁଁ ବେସରକାରୀ ଶିକ୍ଷାନୁଷ୍ଠାନ ଠାରୁ ମଧ ପିଲାମାନେ ଭଲ ସୁବିଧା ପାଉଛନ୍ତି। ବିଏସ୍‌କେୱାଇ କାର୍ଡରେ ବେସରକାରୀ ହସପିଟାଲରେ ମଧ ବିନା ଖର୍ଚ୍ଚରେ ଭଲ ଚିକିତ୍ସା ପାଉଛନ୍ତି। ଲକ୍ଷ୍ମୀ ବସରେ ମା'ମାନେ ଓ ଛାତ୍ରଛାତ୍ରୀମାନେ ମାତ୍ର ୫ ଟଙ୍କାରେ ଯିବା ଆସିବା କରିପାରୁଛନ୍ତି। ଏହାଦ୍ୱାରା ଆପଣମାନଙ୍କ ବୋଝ ହାଲ୍‌କା ହେଉଛି। ଆପଣମାନଙ୍କ ପିଲାମାନେ ଆଗକୁ ବଢ଼ିବାକୁ ସୁଯୋଗ ପାଉଛନ୍ତି। ଏହାଦ୍ୱାରା ସାରା ଓଡ଼ିଶା ଆଗକୁ ବଢ଼ିବ। ସେ କହିଲେ ଯେ, ଓଡ଼ିଶା ଆଗକୁ ବଢୁଛି, ଲୋକଙ୍କ ସ୍ୱପ୍ନ ପୁରଣ ହେଉଛି। ଏହାର ଅନେକ ଉଦାହରଣ ଅଛି। ବଲାଙ୍ଗୀରର ଜଣେ ଅଙ୍ଗନବାଡ଼ି ଦିଦିଙ୍କ ପୁଅ ଡାକ୍ତରୀ ପାଠରେ ଆଡମିଶନ ନେଇଛି। ଜଣେ ଅଙ୍ଗନବାଡ଼ି ଦିଦି ମଧ ତାଙ୍କ ସ୍ୱପ୍ନ ପୁରଣ କରିପାରୁଛନ୍ତି। ପୁଅକୁ ଡାକ୍ତର କରିପାରୁଛନ୍ତି। ଲୋକଙ୍କ ସ୍ୱପ୍ନ ପୁରଣ ହୋଇପାରୁଛି ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ କଥାରେ ନୁହେଁ କାମରେ ବିଶ୍ୱାସ କରନ୍ତି। ମା'ମାନଙ୍କୁ, ଯୁବପିଢ଼ିମାନଙ୍କୁ ସଶକ୍ତ କରି ସେମାନଙ୍କ ଜରିଆରେ ନୂଆ ଓଡ଼ିଶା ଗଠନ କରିବାକୁ ଚାହୁଁଛନ୍ତି ଆମ ପ୍ରିୟ ମୁଖ୍ୟମନ୍ତ୍ରୀ। କେନ୍ଦ୍ରର ବିଜେପି ସରକାର ପ୍ରସଙ୍ଗ ସେ କହିଲେ ଯେ, ସେମାନେ ବହୁତ କଥା କହିଥିଲେ, ପ୍ରତିଶ୍ରୁତି ଦେଇଥିଲେ - ଦରଦାମ୍ କମେଇବା, ଏଲ୍‌ପି.ଜି., ପେଟ୍ରୋଲ, ଡିଜେଲ ଆଦି ଦାମ କମେଇବେ ବୋଲି କହିଥିଲେ। କମିଲା କି ? ରୋଜଗାର ଦେବା କଥା କହିଥିଲେ, ଦେଲେ କି ? ତେଣୁ ଆପଣମାନେ ବୁଝନ୍ତୁ। ସେମାନଙ୍କର ଆପଣଙ୍କ ସୁଖଦୁଃଖ ସହିତ କିଛି ସମ୍ପର୍କ ନାହିଁ। ସେମାନେ କେବଳ ୫ ବର୍ଷରେ ଥରେ ଆସିବେ, ଭୋଟ ମାଗିବେ। ନବୀନ ସରକାର ଆପଣଙ୍କ ସୁଖଦୁଃଖର ସାଥି। ମୁଖ୍ୟମନ୍ତ୍ରୀ ଆପଣମାନଙ୍କୁ ବହୁତ ଭଲ ପାଆନ୍ତି। ଆପଣମାନଙ୍କର ଯାହା ବି କିଛି କାମ ଅଛି, ଦାବୀ ଅଛି, ସବୁ ମୁଖ୍ୟମନ୍ତ୍ରୀ ପୁରଣ କରିବେ। ସୋରୋରେ ସେ ବାହାନଗାଲୋକଙ୍କର ଉଚ୍ଚ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ, ବାହାନଗା ମାଟି ସାରା ଦେଶକୁ, ସାରା ଦୁନିଆକୁ 'ମଣିଷ ପଣିଆ' ଦେଖାଇଛି। ମଣିଷପଣିଆରେ ନୂଆ ପରିଚୟ ଦେଇଛି। ୫ ବର୍ଷରେ ଥରେ ଆପଣମାନେ ସୁଯୋଗ ପାଇଛନ୍ତି ଆଶୀର୍ବାଦ କରିବା ପାଇଁ। ମୁଖ୍ୟମନ୍ତ୍ରୀଙ୍କୁ ଆଶୀର୍ବାଦ କରନ୍ତୁ, ମୁଖ୍ୟମନ୍ତ୍ରୀଙ୍କ ନୂଆ ଓଡ଼ିଶା ଗଠନର ସ୍ୱପ୍ନକୁ ସାକାର କରନ୍ତୁ। ବିଜୁ ପରିବାରକୁ ଆହ୍ୱାନ ଦେଇ ପାଣ୍ଡିଆନ କହିଲେ ଯେ ଆପଣମାନେ କଠିନ ପରିଶ୍ରମ କରନ୍ତୁ। ବିଜୁ ଜନତା ଦଳର ପ୍ରାର୍ଥୀମାନଙ୍କୁ ବହୁ ଭୋଟରେ ଜିତାଇ ମୁଖ୍ୟମନ୍ତ୍ରୀଙ୍କ ସମ୍ମାନ ରଖିବାକୁ ସେ ଅନୁରୋଧ କରିଥିଲେ। ବିଭିନ୍ନ ସ୍ଥାନରେ ବିକାଶର ହିସାବ ଦେଇ ସେ କହିଲେ ଯେ, ମୁଖ୍ୟମନ୍ତ୍ରୀ ଝଙ୍କଡ଼ଷ୍ଠ ଜଳ୍ଟବୟ ପାଇଁ ୬୦ କୋଟି ଦେଇଛନ୍ତି, ଜଳସେଚନ ପାଇଁ ୨୦୦ କୋଟି ଟଙ୍କାର ପ୍ରକଳ୍ପ ଚାଲିଛି। ଆପଣମାନେ ଯେଉଁ କାମ ପାଇଁ ପ୍ରସ୍ତାବ ଦେଇଥିଲେ ତା'ର ୮୦ ପ୍ରତିଶତ କାମ ହୋଇଯାଇଛି। ସିମୁଳିଆ ଓ ଖଇରାକୁ ଏନ୍‌ଏ.ସି ମାନ୍ୟତା ଦିଆଯାଇଛି। ସାଳନ୍ଦୀ ଲେଫ୍ଟ କେନାଲ ଓ ବିଭିନ୍ନ ଆଡ଼ିବନ୍ଧ ନିର୍ମାଣ ଜରିଆରେ ଜଳସେଚନ ବ୍ୟବସ୍ଥା ପାଇଁ ମୁଖ୍ୟମନ୍ତ୍ରୀ ବହୁତ କାମ କରିଛନ୍ତି।

ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ...

ଉଚ୍ଚସ୍ତରୀୟ...

ସମବେଦନା ଜ୍ଞାପନ କରିଛନ୍ତି। ଗୁରୁତରମାନଙ୍କ କଟକ ଓ ଭୁବନେଶ୍ୱରର ବିଭିନ୍ନ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ଶରୀର ୭୦ରୁ ୮୦ ଭାଗ ପୋଡ଼ିଯାଇଛି। ଗୁରୁତରଙ୍କ ମଧ୍ୟରେ ଛୋଟ ଶିଶୁ ବି ସାମିଲ ରହିଛନ୍ତି। ନରେନ୍ଦ୍ର ପୁଷ୍କରିଣୀରେ ଅଗ୍ନିଶମବାହିନୀ ପକ୍ଷରୁ ଖାନତଲାସୀ ଜାରି ରହିଛି। ପୋଖରୀରେ କେହି ବୁଡ଼ି ଯାଇଥିବା ସନ୍ଦେହ କରାଯାଇ ସ୍କାଏ କ୍ୟାମେରା ସାହାଯ୍ୟରେ ତନାଘନା କରାଯାଉଛି। ସୂଚନାଯୋଗ୍ୟ ଯେ ବୁଧବାର ଭଉଁରୀଯାତ୍ରା ସମୟରେ ମହାପ୍ରଭୁ ନରେନ୍ଦ୍ରରେ ୨୧ ଘେରା ଚାପ ଖେଳିବା ସମୟରେ ଏହି ଅଘଟଣ ଘଟିଥିଲା। ଦେବୀଘାଟ ନିକଟରେ ବାଣ ଫୁଟୁଥିବାବେଳେ ବିସ୍ଫୋରଣ ହୋଇଥିଲା। ଏଥିରେ ଚାପ ଦେଖୁଥିବା ଭକ୍ତମାନେ ପୋଡ଼ି ଯାଇଥିଲେ। ଜୀବନ ବଞ୍ଚାଇବା ପାଇଁ କେତେକ ନରେନ୍ଦ୍ର ପୁଷ୍କରିଣୀକୁ ମଧ୍ୟ ଡେଇଁ ପଡ଼ିଥିଲେ। ଆହତମାନଙ୍କୁ ଆମ୍ବୁଲାନ୍ସ ଯୋଗେ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରୁ ଗୁରୁତରଙ୍କୁ କଟକ ଏସ୍‌ସିବି ଓ ଭୁବନେଶ୍ୱରର ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା।

୪୭ ଡିଗ୍ରୀରେ...

ବଜାର ବନ୍ଦ ରହୁଛି। ଘରୁ ବାହାରିବା ସମ୍ଭବପର ହୋଇପାରୁ ନାହିଁ। ଗୁରୁବାର ଝାରସୁଗୁଡ଼ାର ସର୍ବୋଚ୍ଚ ତାପମାତ୍ରା ୪୭ ଡିଗ୍ରୀ ଛୁଇଁଥିବାବେଳେ ଏହା ତଳକୁ ଟିଟିଲାଗଡ଼ରେ ୪୬.୫, ବରଗଡ଼ରେ ୪୬.୩, ସମ୍ବଲପୁରରେ ୪୬.୨ ଡିଗ୍ରୀ ରେକର୍ଡ ହୋଇଛି। ସେହିପରି ସୋନପୁର ଓ ମାଲକାନଗିରିରେ ୪୫.୬, ଭବାନୀପାଟଣାରେ ୪୫.୫, ବଲାଙ୍ଗୀରରେ ୪୫.୩, ହୀରାକୁଦରେ ୪୫.୨, ରାଉରକେଲାରେ ୪୪.୯, ନୂଆପଡ଼ାରେ ୪୪.୫, ବୌଦ୍ଧରେ ୪୪.୧, ସୁନ୍ଦରଗଡ଼ରେ ୪୩.୬, ଫୁଲବାଣୀରେ ୪୩.୪, ଅନୁଗୋଳରେ ୪୨.୩, ତାଳଚେରରେ ୪୨.୨, କେନ୍ଦୁଝରରେ ୪୧.୪, ପାରଳାଖେମୁଣ୍ଡିରେ ୪୦.୪ ଓ ରାୟଗଡ଼ାରେ ୪୦.୨ ଡିଗ୍ରୀ ରେକର୍ଡ ହୋଇଛି। ତେବେ ଭୁବନେଶ୍ୱରରେ ତାପମାତ୍ରା ୩୭.୧ ରେକର୍ଡ କରାଯାଇଥିଲେ ମଧ୍ୟ ପ୍ରବଳ ଗୁଳୁଗୁଳି ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବାୟୁମଣ୍ଡଳରେ ଆର୍ଦ୍ରତା ପରିମାଣ ଅଧିକ ରହୁଥିବାରୁ ପ୍ରଚଣ୍ଡ ଗୁଳୁଗୁଳି ଅନୁଭୂତ ହେଉଛି। ଆଗକୁ ତାତିର ପ୍ରଭାବ ଅଧିକ ବୃଦ୍ଧି ପାଇବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଜୁନ୍ ୧ରେ...

ମତଦାନ କରାଯିବ। ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ସଂସଦୀୟ କ୍ଷେତ୍ରପାଇଁ ମତଦାନ ହେବାକୁ ଥିବାବେଳେ ୪୨ ବିଧାନସଭା କ୍ଷେତ୍ର ଯଶୀପୁର, ସାରସକଣା, ରାଇରଙ୍ଗପୁର, ବାଙ୍ଗିରିପୋଷି, ଉଦଳା, ବଡ଼ସାହି, ବାରିପଦା, ମୋରଡ଼ା, ଜଳେଶ୍ୱର, ଭୋଗରାଇ, ବସ୍ତା, ବାଲେଶ୍ୱର, ରେମୁଣା, ନୀଳଗିରି, ସୋର, ସିମୁଳିଆ, ଭଣ୍ଡାରିପୋଖରୀ, ଭଦ୍ରକ, ବାସୁଦେବପୁର, ଧାମନଗର, ଚାନ୍ଦବାଲି, ବିଞ୍ଝାରପୁର, ବରୀ, ବଡ଼ଚଣା, ଧର୍ମଶାଳା, ଯାଜପୁର, କୋରେଇ, ସୁକିନ୍ଦା, ନିଆଳି, ସାଲେପୁର, ମାହାଙ୍ଗା, ପାଟକୁରା, କେନ୍ଦ୍ରାପଡ଼ା, ଆଳି, ରାଜନଗର, ମହାକାଳପଡ଼ା, ପାରାଦୀପ, ତିର୍ତ୍ତୋଲ, ବାଲିକୁଦା-ଏରସମା, ଜଗତସିଂହପୁର, କାକଟପୁର ଓ ନିମାପଡ଼ାରେ ମତଦାନ ଅନୁଷ୍ଠିତ ହେବ। ଏଥିନେଇ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଛି। ମୋଟ ୯୯ଲକ୍ଷ ୬୧ ହଜାର ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ। ଏଥିପାଇଁ ୧୦,୮୮୨ଟି ମତଦାନ କେନ୍ଦ୍ର ସ୍ଥାପନ କରାଯାଇଛି। ୭୦ ହଜାରରୁ ଅଧିକ ପୋଲିଂ କର୍ମଚାରୀ ନିୟୋଜିତ ହୋଇଛନ୍ତି। ମୋଟ ବୁଥ୍ ମଧ୍ୟରୁ ୧୪୦୦ ବୁଥ୍ ମହିଳାଙ୍କ ଦ୍ୱାରା ପରିଚାଳନା କରାଯିବ। ସୁରକ୍ଷା ପାଇଁ ୧୨୫ କମ୍ପାନୀ ସିଏପିଏଫ ମୁତୟନ ହୋଇଛନ୍ତି। ୬ ସଂସଦୀୟ କ୍ଷେତ୍ରପାଇଁ ୬୬ଜଣ ପ୍ରାର୍ଥୀ ରହିଥିବାବେଳେ ୪୨ଟି ବିଧାନସଭା କ୍ଷେତ୍ରପାଇଁ ୩୯୪ଜଣ ପ୍ରାର୍ଥୀ ମଇଦାନରେ ରହିଛନ୍ତି। ତେବେ ପ୍ରିଜାଇଡିଂ ଅଫିସରଙ୍କ ବ୍ୟତୀତ ଅନ୍ୟ କେହି ବି ବୁଥ୍ ଭିତରକୁ ମୋବାଇଲ ନେଇପାରିବେ ନାହିଁ ବୋଲି ସିଇଓଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ପରଜଙ୍ଗ,(ଭାସ୍କର ନ୍ୟୁଜ) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଅଧୀନ ରେ ଗତ ରବିବାର ୨୬ ତାରିଖ ରେ ଏହିଭଳି ଘଟଣା ପୂର୍ବରୁ ଘଟିଥିବା ବେଳେ, ପୁନର୍ବାର ଗୁରୁବାର ଅପରାହ୍ନ ସମୟରେ କୁମୁସୀ ଫାଣ୍ଡି ଅଧିନସ୍ଥ କୁମୁସି ପଞ୍ଚାୟତ ଡ଼ିପିଲି ଜଙ୍ଗଲରୁ ଆଉ ଏକ ଯୁବକଙ୍କ ଝୁଲନ୍ତା ମୃତ ଦେହ ପୋଲିସ ଉଦ୍ଧାର କରିଛି। ଖବରରୁ ଜଣାଯାଏ ପରଜଙ୍ଗ ବ୍ଲକ ଲୋଧଣୀ ଗ୍ରାମର ଛବିନ୍ଦ୍ର ମୋହନ ବେହେରାଙ୍କ ପୁଅ ତୋଫାନ ବେହେରା(୨୬)ବୁଧ ବାର ଅପରାହ୍ନ ସମୟରେ ନିଜର ଧଳା ରଙ୍ଗର ସ୍କୁଟି ନେଇ ଘରୁ ଯାଇଥିବା ବେଳେ ଆଉ ଘରକୁ ଫେରିଥିଲେ । ଘରକୁ ଫେରିବା ବିଳମ୍ବ ହେବାରୁ ପରିବାର ଖୋଜାଖୋଜି କରି ନିରାଶ ହୋଇଥିଲେ। ଡ଼ିପିଲି ଜଙ୍ଗଲୁ ପଚାଗନ୍ଧ ଜାତ ହେବାରୁ ପାଖ ପଡୋଶୀ ଜଙ୍ଗଲ ମଝିରେ ଏକ ଗଛ ମୂଳରେ ନିଜେ ନେଇଥିବା ସ୍କୁଟି ପଡ଼ିଥିବା ବେଳେ ଗଛରେ ଯୁବକ ଜଣକ ଗାମୁଛା ସାହାଯ୍ୟରେ ଝୁଲୁଥିବା ଦେଖି ସଙ୍ଗେ ସଙ୍ଗେ ଗାଁରେ ଜଣାଇଥିଲେ । ଖବର ନିମିଷକ ମଧରେ ପ୍ରଚାର ପ୍ରସାର ହୋଇଯିବା ପରେ ପରିବାର ଲୋକେ ଜାଣିବାକୁ ପାଇ ସେଠାରେ ପହଞ୍ଚି ଚିହ୍ନଟ କରିଥିଲେ, ଖବର ପାଇ ପୋଲିସ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପରଜଙ୍ଗ ମେଡ଼ିକାଲକୁ ପଠାଇଦେଇଥିଲେ।

ଭଦ୍ରକରେ ୧୪୪ ଧାରା ଜାରି

ଭଦ୍ରକ,୩୦।୫(ଭାସ୍କର ନ୍ୟୁଜ): ଆସନ୍ତା ୧ ତାରିଖରେ ଭଦ୍ରକ ସଂସଦୀୟ କ୍ଷେତ୍ର ସହ ଏହା ଅଧୀନରେ ଥିବା ବିଧାନସଭା ଆସନରେ ଭୋଟଗ୍ରହଣ କରାଯିବ। ନିର୍ବାଚନକୁ ଅବାଧ ଓ ମୁକ୍ତ କରିବା ପାଇଁ ଜିଲ୍ଲା ପ୍ରଶାସନ ଓ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବା ସହ ୧୪୪ଧାରା ଜାରି କରାଯାଇଛି। ଗୁରୁବାର ସନ୍ଧ୍ୟା ୬ଟାରୁ ଏହା ଲାଗୁ ହୋଇଛି। ଆସନ୍ତା ୨ ତାରିଖ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏହା ଜାରି ରହିବ। ଏହି ସମୟରେ ୫ଜଣ ଏକାଠି ହୋଇ ରହିପାରିବେ ନାହିଁ କିମ୍ବା ପ୍ରଚାର କରିପାରିବେ ନାହିଁ। ଏଥିରେ ଅମାନ୍ୟ କଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲା ପ୍ରଶାସନ ସତର୍କ କରାଇ ଦେଇଛି।

ଅଗ୍ନିବାଣ ରକେଟ୍‌ର ସଫଳତା ନେଇ ମୋଦୀଙ୍କ ଶୁଭେଚ୍ଛା

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଗୁରୁବାର ଅଗ୍ନିବାଣ ରକେଟର ସଫଳ ପରୀକ୍ଷଣକୁ ନେଇ ଚେନ୍ନାଇ ସ୍ଥିତ ମହାକାଶ ଷ୍ଟାର୍ଟଅପ ଅଗ୍ନିକୁଳ କାସମାସକୁ ଶୁଭେଚ୍ଛା ଜଣାଇଛନ୍ତି। ସେ କହିଛନ୍ତି ଯେ, ଏହା ଭାରତର ମହାକାଶ କ୍ଷେତ୍ର ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଅବସର ଅଟେ। ପ୍ରଧାନମନ୍ତ୍ରୀ ମୋଦି ଏକ୍ସରେ ଲେଖିଛନ୍ତି ଯେ, 'ଏକ ଉଲ୍ଲେଖନୀୟ ଉପଲବ୍ଧି ଯାହା ପୂରା ଦେଶକୁ ଗୌରବାନ୍ୱିତ କରିବ। ବିଶ୍ୱର ପ୍ରଥମ ସିଙ୍ଗଲ-ପିସ ଥ୍ରୀଡି ପ୍ରିଂଟେଡ ସେମି-କ୍ରାୟୋଜେନିକ ଇଂଜିନ ଦ୍ୱାରା ସଂଚାଳିତ ଅଗ୍ନିବାଣ ରକେଟର ସଫଳ ପ୍ରକ୍ଷେପଣ ଭାରତର ମହାକାଶ କ୍ଷେତ୍ର ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଅବସର ଅଟେ ଏବଂ ଆମର ଯୁବଶକ୍ତିର ଉଲ୍ଲେଖନୀୟ ସରଳତାର ପ୍ରମାଣ ଅଟେ। ଅଗ୍ନିକୂଳ ଟିମକୁ ତାଙ୍କ ଭବିଷ୍ୟତର ଉଦ୍ୟମ ପାଇଁ ମୋର ଶୁଭକାମନା। ଏଠାରେ ସୂଚନାଯୋଗ୍ୟ, ଅଗ୍ନିକୂଳ କାସମାସ ଆଜି ଶ୍ରୀହରିକୋଟାରେ ନିଜର ଲଂଚପ୍ୟାଡରୁ ରକେଟ ଅଗ୍ନିବାଣର ସଫଳତାପୂର୍ବକ ପରୀକ୍ଷଣ କରିଛି।

ଚାପ ଖେଳିଲେ ଏକାଦଶ ରୁଦ୍ର ତଥା ବାବା ହଟ୍ଟକେଶ୍ୱର

ବୋଲଗଡ (ଭାସ୍କର ନ୍ୟୁଜ): ପବିତ୍ର ଭଉଁରୀ ଯାତ୍ରା ଅବସରରେ ବେଗୁନିଆ ବ୍ଲକ ବାଘମାରୀ ପଂଚାୟତ ଅନ୍ତର୍ଗତ ଅଟ୍ରି ଗ୍ରାମ ସ୍ଥିତ ବାବା ହଟ୍ଟକେଶ୍ୱର ତଥା ଏକାଦଶ ରୁଦ୍ରଙ୍କ ପୀଠରେ ଚାପ ଖେଳିଛନ୍ତି। ସ୍ଥାନୀୟ ମନ୍ଦିର ଟ୍ରଷ୍ଟି ବୋର୍ଡର ସଦସ୍ୟ ରଞ୍ଜନ କୁମାର ମହାପାତ୍ରଙ୍କ ସୂଚନା ଅନୁଯାୟୀ ପ୍ରଚଣ୍ଡ ରୌଦ୍ର ତାପରୁ ରକ୍ଷା ପାଇବା ପାଇଁ ବାବା ହଟ୍ଟକେଶ୍ୱର ମନ୍ଦିର ସଂଲଗ୍ନ ପୋଖରୀ ଭିତରେ ପବିତ୍ର ଅକ୍ଷୟ ତୃତୀୟା ଠାରୁ ୨୧ ଦିନ ଧରି ଚାପ ଖେଳ ହୋଇ ଥାଏ। ଅନ୍ତିମ ଭଉଁରୀ ଯାତ୍ରା ଦିନ ଅନ୍ତିମ ସନ୍ଧ୍ୟାରେ ମାଣିବନ୍ଧ ସିଦ୍ଧ ମହାବୀର ଆଶ୍ରମର ପ୍ରତିଷ୍ଠାତା ପ୍ରଶାନ୍ତ ବାବାଙ୍କ ତତ୍ତ୍ୱାବଧାନରେ ବାବା ହଟ୍ଟ କେଶ୍ୱର ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କ ଗହଣରେ ହୁଳହୁଳି, ହରିବୋଲ ଓ ଖୋଳ ତାଳ ଧ୍ୱନିରେ ପ୍ରକମ୍ପିତ କରି ସୁସଜ୍ଜିତ ଡଙ୍ଗାରେ ବିରାଜ ମାନ କରି ସାତ ଘେରା ଚାପ ଖେଳରେ ପ୍ରଦକ୍ଷିଣ କରି ମନ୍ଦିର ଗୃହକୁ ଫେରି ଯାଇଥାନ୍ତି। ଏଥିରେ ବିଜେଡ଼ି ବିଧାୟକ ପ୍ରାର୍ଥି ପ୍ରଦୀପ କୁମାର ସାହୁ, ସରପଞ୍ଚ ମାନସ ରଞ୍ଜନ ବିଶ୍ୱାଳ,ହାଡୁବନ୍ଧୁ ମହାପାତ୍ର, ସମିତି ସଭ୍ୟ ନବନିତା ମହାନ୍ତି,ପୂର୍ବତନ ସରପଂଚ ପ୍ରଫୁଲ୍ଲ ସାମନ୍ତରାୟ, ସମାଜସେବୀ ମଧୁସୁଦନ ସୁବୁଦ୍ଧି ଓ ପ୍ରେମାନନ୍ଦ ମହାନ୍ତି ପ୍ରମୁଖଙ୍କ ସମେତ ମନ୍ଦିର ପରିଚାଳନା କମିଟି ସଭାପତି ଗୋପୀନାଥ ମହାପାତ୍ର, ସମ୍ପାଦକ ସୁରେଶ କୁମାର ପଣ୍ଡା ଓ କୋଷାଧ୍ୟକ୍ଷ ଅକ୍ରୁର ରଣାଙ୍କ ସମେତ ଉପସ୍ଥିତ ରହି ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଇନ ଶୃଙ୍ଖଳା ରକ୍ଷା କରିବା ପାଇଁ ବାଘମାରୀ ଥାନା ଅଧିକାରୀ ଶମ୍ଭୁନାଥ ନାୟକଙ୍କ ନେତୃତ୍ୱରେ ଥାନା ଉପ ନିରୀକ୍ଷକ ଚନ୍ଦନ ଦାସଙ୍କ ତତ୍ତ୍ୱାବଧାନରେ ପୁଲିସ ବଳ ନିୟୋଜିତ ହୋଇଥିଲେ।

ଶେଷ ପର୍ଯ୍ୟାୟ ନିର୍ବାଚନରେ ବିଜେପି ପ୍ରାର୍ଥୀଙ୍କ ପାଇଁ ଭୋଟ୍ ମାଗିଲେ ଧର୍ମେନ୍ଦ୍ର

ଯାଜପୁର/ବରୀ/ସୁକିନ୍ଦା (ଭାସ୍କର ନ୍ୟୁଜ): ଯାଜପୁର ହେଉଛି ସ୍ୱାଭିମାନ ମାଟି। ଏହି ଭୂମି ଓଡ଼ିଆ ଲୋକଙ୍କୁ ନେତୃତ୍ୱ ଦେବ ବୋଲି ଗୁରୁବାର ଯାଜପୁର ସଂସଦୀୟ କ୍ଷେତ୍ରର ଯାଜପୁର, ବରୀ ଓ ସୁକିନ୍ଦା ବିଧାନସଭା ନିର୍ବାଚନମଣ୍ଡଳୀରେ ପ୍ରଚାର କରିବା ଅବସରରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ସ୍ୱାଧୀନତା ସଂଗ୍ରାମୀ ନବକୃଷ୍ଣ ଚୌଧୁରୀ ଏବଂ ଗୋପବନ୍ଧୁ ଚୌଧୁରୀଙ୍କ ଜନ୍ମଭୂମି ଯାଜପୁରକୁ ଅହିଂସାର ପୂଜାରୀ ମହାତ୍ମା ଗାନ୍ଧୀ ଆଗମନ କରିଥିଲେ। ଯାଜପୁର ଭୂମି ଆଜି ଜଣେ କ୍ରୀତଦାସକୁ ନୁହେଁ ବରଂ ଜଣେ ସ୍ୱାଭିମାନୀ ଓଡ଼ିଆଙ୍କୁ ନେତୃତ୍ୱ ଦେବ। ଓଡ଼ିଆ ସାମ୍ରାଜ୍ୟ, ଓଡ଼ିଆ ପରାକାଷ୍ଠା, ଓଡ଼ିଆ ସ୍ୱାଭିମାନ ଓ ଓଡ଼ିଶା ଅସ୍ମିତାର ତୀର୍ଥସ୍ଥଳର ପ୍ରତିନିଧି ଜଣେ ଓଡ଼ିଆ ହେବ। ଯାଜପୁର ଜିଲ୍ଲାରେ ଯାହା ଜମି ଅଧିଗ୍ରହଣ ହେବ, ନିୟମ ଅନୁସାରେ ୪ ଗୁଣା କ୍ଷତି ପୂରଣ ଦିଆଯାଇ ଜମି ଅଧିଗ୍ରହଣ ହେବ। ଦୀର୍ଘ ୨୫ ବର୍ଷ ଶାସନରେ ପାନୀୟ ଜଳ, ଜଳସେଚନ, ଶିକ୍ଷା, ସ୍ୱାସ୍ଥ୍ୟସେବା, ରୋଜଗାରର ବଡ ସମସ୍ୟା ରହିଛି। ଶୀତଳ ଭଣ୍ଡାର ନାହିଁ। ଶିଳ୍ପ ସମୃଦ୍ଧ ଯାଜପୁର ଜିଲ୍ଲାର ଯୁବକ ଦାଦନ ଖଟିବାକୁ ବାହାରକୁ ଯାଉଛନ୍ତି। ଯେଉଁ ୨୫ ବର୍ଷର ସରକାରରେ ମୌଳିକ ସୁବିଧା ମିଳେନାହିଁ, ମହିଳାଙ୍କ ସୁରକ୍ଷା ପ୍ରଶ୍ନବାଚୀରେ ଅଛି, ମାଟ୍ରିକ୍ ଡ୍ରପଆଉଟ ହାର ବୃଦ୍ଧି ପାଉଛି, ଶିକ୍ଷା ଭିତ୍ତିଭୂମିକୁ ମଜଭୂତ୍ କରିବା ପରିବର୍ତ୍ତେ ନାଚ ଗୀତରେ ପଇସା ଖର୍ଚ୍ଚ କରାଯାଉଛି, ସେ ସରକାରକୁ ଲୋକମାନେ ନିଶ୍ଚୟ ବଦଳାଇବେ। ବିଜେପି ସରକାର ହେଲେ ଗରିବଙ୍କୁ ପକ୍କା ଘର, ଶୌଚାଳୟ, ଗ୍ୟାସ ସହ ସବୁ ପ୍ରକାର ମୌଳିକ ସୁବିଧା ଦିଆଯିବ। ସୁଭଦ୍ରା ଯୋଜନାରେ ମହିଳାଙ୍କୁ ୫୦,୦୦୦ ଟଙ୍କା ମୂଲ୍ୟର ଭାଉଚର ଦିଆଯିବ। ଏହି ଅର୍ଥକୁ ସେମାନେ ଦୁଇ ବର୍ଷ ମଧରେ ଖର୍ଚ୍ଚ କରିବେ। ଧାନର ଏମଏସପି ମୂଲ୍ୟ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କାକୁ ବୃଦ୍ଧି କରାଯିବ ବୋଲ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି।

ଦିନରେ ଅସହ୍ୟ ଗୁଳୁଗୁଳି ସନ୍ଧ୍ୟାରେ କାଳବୈଶାଖୀ

ଭଞ୍ଜନଗର(ଭାସ୍କର ନ୍ୟୁଜ): ଏବେ ଭଞ୍ଜନଗର ତଥା ଏହାର ଆଖପାଖ ଅଞ୍ଚଳରେ ପ୍ରଚଣ୍ଡ ରୌଦ୍ରତାପ ଓ ଅସହ୍ୟ ଗୁଳୁଗୁଳି ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ସକାଳୁ ହିଁ ଗୁଳୁଗୁଳି ଆରମ୍ଭ ହୋଇଯାଉଥିବା ବେଳେ ଝାଳରେ ଲୋକମାନେ ଗାଧୋଇବା ଭଳି ପରିସ୍ଥିତି ସୃଷ୍ଟି ହେଉଛି। ଆଉ ଖାସ୍ ଏଭଳି ପରିସ୍ଥିତି ଯୋଗୁଁ ଲୋକମାନେ ଘରୁ ପଦାକୁ ବାହାରିବାକୁ ନିରାପଦ ମଣୁନାହାନ୍ତି। ନିହାତି ଆବଶ୍ୟକ ନଥିଲେ ଲୋକମାନେ ନିଜ ଘରେ ରହିବାକୁ ହିଁ ଅଧିକ ନିରାପଦ ମାନେ କରୁଛନ୍ତି। ଫଳରେ ସକାଳ ୧୦ ଟା ପରେ ସହରରେ ଏକ ପ୍ରକାର ଅଘୋଷିତ ବନ୍ଦ ପାଳନ ଭଳି ପରିସ୍ଥିତି ସୃଷ୍ଟି ହେଉଛି। ଏବେ ପ୍ରଚଣ୍ଡ ରୌଦ୍ରତାପ ଓ ଶୁଷ୍କ ବାୟୁ ଚଳନ ଯୋଗୁଁ ଅସହ୍ୟ ଗୁଳୁଗୁଳି ଅନୁଭୁତ ହେଉଛି। ଦିନର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହୁଥିବା ବେଳେ ଏହା ୪୫ ଡିଗ୍ରୀ ଖରା ଭଳି ଅନୁଭୂତ ହେଉଛି। ଗୁରୁବାର ଭଞ୍ଜନଗର ସହର ତଥା ଏହାର ଆଖପାଖ ଅଞ୍ଚଳରେ ପ୍ରଚଣ୍ଡ ରୌଦ୍ରତାପ ଯୋଗୁଁ ଦିନବେଳା ଲୋକମାନେ ଅଧିକ ପୀଡା ଅନୁଭବ କରିଥିବା ବେଳେ ସନ୍ଧ୍ୟାରେ କାଳବୈଶାଖୀ ପ୍ରଭାବ ରୁ ୧୫ ମିନିଟ୍ ର ଅସରାଏ ବର୍ଷା ସାମାନ୍ୟ ଆଶ୍ୱସ୍ତି ଆଣି ଦେଇଥିଲା। ତେବେ ବର୍ଷା ପବନ ଯୋଗୁଁ ବିଦ୍ୟୁତ୍ କଟିଯିବା କାରଣରୁ ଘରେ ରହିବା ମୁସ୍କିଲ ହୋଇପଡ଼ିଥିବା ବେଳେ ରାତି ୭ ଟା ପରେ ସ୍ୱାଭାବିକ ସ୍ଥିତି ଅନୁଭୂତ ହୋଇଥିଲା। ଏବେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ସହ ତାତି ବଢିଥିବା ବେଳେ ଖରା ରାତିଠାରୁ ରାଜନୀତିର ତାତି ଅଧିକ ଅନୁଭୂତ ହେଉଛି। ବିଭିନ୍ନ ସ୍ଥାନରେ ଏହାର ଚର୍ଚ୍ଚା ଆଲୋଚନା ପାଣିପାଗ କୁ ଅଧିକ ସରଗରମ କରିଦେଉଥିବା ଦେଖିବାକୁ ମିଳୁଛି। ଏଭଳି ପାଗ ଆସନ୍ତା ୪ ତାରିଖ ଯାଏଁ ଅନୁଭୂତ ହେବ ବୋଲି ରାଜନୈତିକ ପଣ୍ଡିତ ମାନେ ଆକଳନ କରିଛନ୍ତି।

MCL
ମହାନଦୀ କୋଲଫିଲ୍‌ଡସ ଲିମିଟେଡ୍
(କୋଲ ଇଣ୍ଡିଆ ଲିମିଟେଡ୍ ର ଏକ ସହାୟକ କମ୍ପାନୀ)
www.mahanadicoal.in
ବିଜ୍ଞପ୍ତି
"ସାମଗ୍ରୀ ଗୁଡ଼ିକର କ୍ରୟ କାର୍ଯ୍ୟ ଏବଂ ସେବା ସଂଗ୍ରହ ନିମନ୍ତେ CIL ଏବଂ ଏହାର ସହାୟକ ଅନୁଷଙ୍ଗୀ କମ୍ପାନିମାନଙ୍କ ଦ୍ୱାରା ଜାରି କରାଯାଉଥିବା ସମସ୍ତ ଟେଣ୍ଡର କୋଲ ଇଣ୍ଡିଆ ଲିମିଟେଡର ୱେବ୍‌ସାଇଟ୍ www.coalindia.in, ସଂପୃକ୍ତ ସହାୟକ କମ୍ପାନି (MCL, www.mahanadicoal.in), CIL ଇ-ପ୍ରକ୍ୟୁରମେଣ୍ଟ ପୋର୍ଟାଲ https://coalindiatenders.nic.in ଏବଂ କେନ୍ଦ୍ରୀୟ ପବ୍ଲିକ୍ ପ୍ରକ୍ୟୁରମେଣ୍ଟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ହେଉଛି। ଏତଦ୍‌ବ୍ୟତୀତ, GeM ପୋର୍ଟାଲ https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ।"
R-5210

ଝିଲି ଫଟଣ୍ଟ

କାର୍ତ୍ତିକଙ୍କୁ ଉତ୍ସାହିତ କଲେ ନୀରଜ

ଆଇପିଏଲ୍‌ରେ ଆର୍‌ସିବିର ଅଭିଯାନ ଶେଷ ହେବା ସହ ଏହି ଲୋକପ୍ରିୟ ଲିଗ୍‌ରୁ ମଧ୍ୟ ଭେଟେରାନ୍ ୱିକେଟକିପର୍ ବ୍ୟାଟର୍ ଦୀନେଶ କାର୍ତ୍ତିକ ଅବସର ନେଇଯାଇଛନ୍ତି। ଗୁରୁବାର କିନ୍ତୁ କାର୍ତ୍ତିକଙ୍କୁ ଏକ ଭିନ୍ନ ଖେଳରେ ପ୍ରୟାସ କରିବା ଦେଖିବାକୁ ମିଳିଛି। ଜାଭଲିନ୍ ଫିଙ୍ଗିବାକୁ

ପ୍ରୟାସ କରୁଥିବା ବେଳେ ଅଲିମ୍ପିକ୍ ବିଜେତା ନୀରଜ ଚୋପ୍ରା ତାଙ୍କୁ ଉତ୍ସାହିତ କରି କହୁଛନ୍ତି 'ଚାଲ ହୋଇଯିବ ଦୀନେଶ ଭାଇ'। କ୍ରିକେଟ୍ ଖେଳିବାକୁ ଫିଟ୍ ଥିଲେ ମଧ୍ୟ କାର୍ତ୍ତିକ ମାନସିକ ଦୃଢ଼ତାକୁ ବଜାୟ ରଖିବାକୁ ଆଇପିଏଲ୍‌ରୁ ଅବସର ନେଇଯାଇଛନ୍ତି। ଆହତ କାରଣ ସତ୍ତ୍ୱେ କେବେ ବି ଗୋଟିଏ ମ୍ୟାଚ୍ ମିସ୍ କରି ନଥିବା କାର୍ତ୍ତିକ ମଧ୍ୟ ଖୁସିର ସହ ପ୍ରକାଶ କରିଥିଲେ। ସୂଚନାଯୋଗ୍ୟ, ମହେନ୍ଦ୍ର ସିଂହ ଧୋନିଙ୍କ ଆବିର୍ଭାବ କାରଣରୁ ଦୀନେଶ କାର୍ତ୍ତିକଙ୍କ ଅନ୍ତର୍ଜାତୀୟ କ୍ରିକେଟ୍ ଜୀବନ ବାଧାପ୍ରାପ୍ତ ହୋଇଥିଲା। ଧୋନିଙ୍କ ଆଗମନ ପୂର୍ବରୁ ସେ ଅନ୍ତର୍ଜାତୀୟ ପଦାର୍ପଣ କରିଥିବା ବେଳେ ତାଙ୍କ ଅବସର ପରେ ମଧ୍ୟ ଭାରତ ପାଇଁ ଖେଳିଥିଲେ। ଶେଷ ଥର ପାଇଁ ସେ ୨୦୨୨ ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଦଳରେ ଭାରତକୁ ପ୍ରତିନିଧିତ୍ୱ କରିଥିଲେ।

ସିସିପାସ୍-ବଦୋସା ରୋମାନ୍ସ

ଗ୍ରିସ୍ ଟେନିସ୍ ତାରକା ଷ୍ଟିଫାନସ୍ ଓ ତାଙ୍କ ସ୍ପେନୀୟ ସାଥୀ ଖେଳାଳି ପାଓଲା ବଦୋସାଙ୍କ ରୋମାନ୍ସ ଏବେ ଚଳିତ ଫ୍ରେଞ୍ଚ୍ ଓପନ୍‌ରେ ଆଲୋଚନାର କେନ୍ଦ୍ରବିନ୍ଦୁରେ ରହିଛି। ପରସ୍ପରକୁ ପ୍ରେମ କରୁଥିବା ବେଳେ ଚଳିତ ବର୍ଷ ପ୍ରାରମ୍ଭରେ ଅଲଗା ହୋଇଯାଇଥିଲେ। କିନ୍ତୁ ପୁଣି ଥରେ ଉଭୟଙ୍କ ଅନ୍ତରଙ୍ଗ ମୁହୂର୍ତ୍ତକୁ ରୋଲାଁ ଗାରୋସ୍ ପ୍ରଶଂସକ ଉପଭୋଗ କରିଛନ୍ତି। ପୂର୍ବତନ ଉପବିଜେତା ସିସିପାସ୍ ବୁଧବାର ୬-୩, ୬-୨ (୬-୭ (୨), ୬-୪ରେ ଡାନିଏଲ୍ ଅଲ୍ଟମାୟରଙ୍କୁ ପରାସ୍ତ କରି ତୃତୀୟ ରାଉଣ୍ଡ୍ ଉଠିଛନ୍ତି। ଅନ୍ୟପକ୍ଷରେ ତାଙ୍କ ବାନ୍ଧବୀ ବଦୋସା ମଧ୍ୟ ମହିଳା ଏକକ

ଦ୍ୱିତୀୟ ରାଉଣ୍ଡ୍‌ରେ ପ୍ରବେଶ କରିଛନ୍ତି। ଉଭୟ ମିଶ୍ରିତ ଯୁଗଳ ବର୍ଗରେ ଖେଳିବାକୁ ଥିବାରୁ ପ୍ରଶଂସକମାନେ ମଧ୍ୟ ସେମାନଙ୍କ ଟେନିସ୍ କୋର୍ଟ ରୋମାନ୍ସକୁ ପାଖରୁ ଦେଖିବାକୁ ଅପେକ୍ଷା କରିଛନ୍ତି। 'ପାଖରେ ଏଭଳି ଜଣେ ବ୍ୟକ୍ତିଥିଲେ ପରସ୍ପରକୁ ଦେଖିବା ଓ ଟେନିସ୍ ଆଲୋଚନା କରିବା ସହଜ ହୋଇଯାଏ। ଏହା ଜୀବନକୁ ସତେଜ ପବନ ଯୋଗାଇବା ଭଳି' ବୋଲି ସିସିପାସ କରିଛନ୍ତି। ମୋ କ୍ଷେତ୍ରରେ ଟେନିସ୍‌କୁ ବୁଝିବା ଓ ସମୀକ୍ଷା କରିବା ଲାଗି ଜଣେ ବ୍ୟକ୍ତି ରହିଥିବାରୁ ମୁଁ ଖୁସି ବୋଲି ବଦୋସା କହିଛନ୍ତି। ସୂଚନାଯୋଗ୍ୟ, ଗତବର୍ଷ ରୋଲାଁ ଗାରୋସରେ ହିଁ ଉଭୟଙ୍କ ପ୍ରେମ ସମ୍ପର୍କ ପଦାକୁ ଆସିଥିଲା। ଉଭୟଙ୍କ ମିଳିତ ଫଟୋ ଇନ୍‌ଷ୍ଟାଗ୍ରାମରେ ଆସିବା ପରେ ଚର୍ଚ୍ଚା ବଢ଼ିଥିଲା। ମଣ୍ଟେ କାର୍ଲୋରେ ବିଜେତା ହେବା ସହ ବାର୍ସିଲୋନାରେ ଫାଇନାଲ୍ ଖେଳି ଆସିଥିବାରୁ ଭଲ ଫର୍ମରେ ରହିଛନ୍ତି।

ତୃତୀୟ ରାଉଣ୍ଡରେ ଜୋକୋଭିକ

ପ୍ୟାରିସ୍, ୩୦/୫: ବିଶ୍ୱର ୧ ନମ୍ବର ନୋଭାକ ଜୋକୋଭିକ, ୨ ନମ୍ବର ଜାନିକ ସିନ୍ନର, ୪ ନମ୍ବର ଆଲେକ୍‌ଜାଣ୍ଡର ଭେରେଭ ଚଳିତ ଫ୍ରେଞ୍ଚ ଓପନ୍ ଟେନିସ ପ୍ରତିଯୋଗିତାର ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଗୁରୁବାର ପୁରୁଷ ଏକକ ମୁକାବିଲାରେ ୨୪ ଗ୍ରାଣ୍ଡ ସ୍ଲାମ୍ ବିଜେତା ସର୍ବିୟାର ଜୋକୋଭିକ ୬-୪, ୬-୧, ୬-୨ ସେଟ୍‌ରେ ସ୍ପେନ୍‌ର ରୋବର୍ଟୋ କାର୍ବାଲେସ ବାଏନାଙ୍କୁ, ଅଷ୍ଟ୍ରେଲିଆନ୍ ଓପନ୍ ବିଜେତା ଇଟାଲିର ସିନ୍ନର ୬-୪, ୬-୨, ୬-୪ ସେଟ୍‌ରେ ଫ୍ରାନ୍ସର ରିଚାର୍ଡ ଗାସ୍‌କ୍ୱେଟଙ୍କୁ, ଜର୍ମାନିର ଭେରେଭ ୭-୬, ୬-୨, ୬-୨ ସେଟ୍‌ରେ ବେଲ୍‌ଜିୟମ୍‌ର ଡେଭିଡ୍ ଗଫିନ୍‌ଙ୍କୁ ହରାଇଥିଲେ। ସେହିଭଳି ଦଶମ ମାନ୍ୟତାପ୍ରାପ୍ତ ବୁଲଗେରିଆର ଗ୍ରିଗୋରି ଦିମିତ୍ରୋଭ ୬-୦, ୬-୩, ୬-୪ ସେଟ୍‌ରେ ହଙ୍ଗେରିର ଫାବିଆନ୍ ମାରୋସାନଙ୍କୁ ପରାସ୍ତ କରି ଆଗକୁ ବଢ଼ିଛନ୍ତି। ମହିଳା ଏକକରେ ପଞ୍ଚଦଶ ମାନ୍ୟତାପ୍ରାପ୍ତ ଏଲିନା ସ୍ୱିତୋଲିନା ୬-୪, ୭-୬ ସେଟ୍‌ରେ ଫ୍ରାନ୍ସର ଡିଆନା ପେରିଙ୍କୁ ମାତ୍ ଦେଇ ତୃତୀୟ ରାଉଣ୍ଡରେ ପହଞ୍ଚିଛନ୍ତି।

ଅନ୍ତଃଜିଲ୍ଲା ରଗ୍‌ବିରେ 'କିସ୍'ର ଆଧିପତ୍ୟ

ଭୁବନେଶ୍ୱର, ୩୦/୫ (ଇମିସ): ଓଡ଼ିଶା ରଗ୍‌ବି ଫୁଟ୍‌ବଲ୍ ସଂଘ (ଓଆର୍‌ଏଫ୍‌ଏ) ଆନୁକୂଲ୍ୟରେ କିଟ୍ ରଗ୍‌ବି ଷ୍ଟାଡିୟମରେ ଆୟୋଜିତ ନିଖିଳ ଓଡ଼ିଶା ଅନ୍ତଃଜିଲ୍ଲା ରଗ୍‌ବି

ସମସ୍ତ ୪ ଟ୍ରଫି ଜିତିଲା

୭ଏସ୍ ପ୍ରତିଯୋଗିତାରେ କିସ୍ ଦଳ ଆଧିପତ୍ୟ ଜାରି ରଖି ୪ଟି ଯାକ (ବାଳକ ଓ ବାଳିକା, ପୁରୁଷ ଓ ମହିଳା) ଟ୍ରଫି କରାୟତ୍ତ କରିଛି। ପୂର୍ବରୁ କିସ୍‌ର ବାଳିକା, ମହିଳା ଓ ବାଳକ ଦଳ ଟ୍ରଫି ଜିତିଥିଲା ବେଳେ ଗୁରୁବାର ପୁରୁଷ ଦଳ ମଧ୍ୟ ଟ୍ରଫି ଜିତି ଏହି ସଂଖ୍ୟାକୁ ୪ରେ ପହଞ୍ଚାଇଛି। କେନ୍ଦୁଝର ଜିଲ୍ଲା ପ୍ରଥମ ଏବଂ ଭୁବନେଶ୍ୱର ଦ୍ୱିତୀୟ ରନର୍ସ ଅପ୍ ଟ୍ରଫି ପାଇଥିଲେ। ଫାଇନାଲ୍‌ରେ କିସ୍ ୩୧-୭ରେ କେନ୍ଦୁଝରକୁ ଏବଂ ତୃତୀୟ ସ୍ଥାନ ମୁକାବିଲାରେ ଭୁବନେଶ୍ୱର ୧୪-୭ରେ ମୟୂରଭଞ୍ଜକୁ ପରାସ୍ତ କରିଥିଲେ। ଅତିଥି ଭାବେ କ୍ରୀଡ଼ା ଯୁଗ୍ମ ନିର୍ଦ୍ଦେଶକ ରଣଦୀପ ବରୁଆ, ଓଡ଼ିଶା ରଗ୍‌ବି ଫୁଟ୍‌ବଲ୍ ସଂଘ ସମ୍ପାଦକ ଉପେନ୍ଦ୍ର କୁମାର ମହାନ୍ତି ଏବଂ କିସ୍ କ୍ରୀଡ଼ା ଉପନିର୍ଦ୍ଦେଶକ ତଥା ଜଗତସିଂହପୁର ଜିଲ୍ଲା ରଗ୍‌ବି ସଂଘ ସମ୍ପାଦକ ରୁଦ୍ରକେଶ ଜେନା ଯୋଗ ଦେଇ ପୁରସ୍କାର ବଣ୍ଟନ କରିଥିଲେ।

ବିଶ୍ୱର ଦୁଇ ନମ୍ବରଙ୍କୁ ହରାଇଲେ ଟ୍ରୀଶା-ଗାୟତ୍ରୀ

ସିଙ୍ଗାପୁର, ୩୦/୫: ଉଦୀୟମାନ ଭାରତୀୟ ମହିଳା ଟେନିସ ଯୋଡ଼ି ଟ୍ରୀଶା ଜଲି ଓ ଗାୟତ୍ରୀ ଗୋପୀଚାନ୍ଦ ଚଳିତ ସିଙ୍ଗାପୁର ଓପନ୍ ସୁପର ୭୫୦ ପ୍ରତିଯୋଗିତାରେ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ରାଜ୍ୟଗୋଷ୍ଠୀ କାଂସ୍ୟ ବିଜେତା ଏହି ଯୋଡ଼ି ୨୧-୯, ୧୪-୨୧, ୨୧-୧୫ରେ ବିଶ୍ୱର ଦୁଇ ନମ୍ବର କୋରିଆର ବିକ୍ ହା ନା ଓ ଲି ସୋ ହିଙ୍କୁ ପରାସ୍ତ କରିଛନ୍ତି। ୩୦ତମ ମାନ୍ୟତାପ୍ରାପ୍ତ ଟ୍ରୀଶା-ଗାୟତ୍ରୀ ବିଶ୍ୱର ଦୁଇ ନମ୍ବର ଯୋଡ଼ି ବିପକ୍ଷରେ ତୃତୀୟ ମ୍ୟାଚ୍ ଖେଳି ପ୍ରଥମ ବିଜୟ ପାଇଛନ୍ତି। ତେବେ ମହିଳା ଏକକରେ ପିଭି ସିନ୍ଧୁଙ୍କ ଅଭିଯାନ ପ୍ରିକ୍ୱାର୍ଟରଫାଇନାଲ୍‌ରେ ଶେଷ ହୋଇଛି। ଏହି ଦୁଇ ଅଲିମ୍ପିକ୍ସ ପଦକ ବିଜୟିନୀ ୨୧-୧୩, ୧୧-୨୧, ୨୦-୨୨ରେ ରିଓ ଅଲିମ୍ପିକ୍ସ ବିଜୟିନୀ ସ୍ପେନ୍‌ର କାରୋଲିନା ମାରିନ୍‌ଙ୍କଠୁ ହାରି ଯାଇଛନ୍ତି। ରିଓ ଅଲିମ୍ପିକ୍ସରେ ସେ ମାରିନ୍‌ଙ୍କଠୁ ହାରି ରୌପ୍ୟ ପାଇଥିଲେ। ପୁରୁଷ ଏକକରେ ବିଶ୍ୱର ୧୦ ନମ୍ବର ଏଚ୍‌ଏସ୍ ପ୍ରଣୟ ୧୩-୨୧, ୨୧-୧୪, ୧୫-୨୧ରେ ଜାପାନର କେଣ୍ଟା ନିସିମୋଟୋଙ୍କଠୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି।

ବିଜୟ ସହ କନିଷ୍ଠ ହକି ଦଳର ୟୁରୋପ ଗସ୍ତ ଶେଷ

ବ୍ରେଡା, ୩୦/୫: ୟୁରୋପ ଗସ୍ତରେ ଥିବା ଭାରତୀୟ କନିଷ୍ଠ ପୁରୁଷ ହକି ଦଳ ବିଜୟ ସହ ଅଭିଯାନ ଶେଷ କରିଥିଲା ବେଳେ କନିଷ୍ଠ ମହିଳା ଦଳ ଶେଷ ମ୍ୟାଚ୍‌କୁ ଅମୀମାଂସିତ ରଖିଛି। ଗୁରୁବାର ପୁରୁଷ ଦଳ ୩-୧ (୧-୧) ସୁଟ୍‌ଆଉଟ୍‌ରେ ଜର୍ମାନିକୁ ପରାସ୍ତ କରିଛି। ପ୍ରଥମାର୍ଦ୍ଧ ଗୋଲ୍ ଶୂନ୍ୟରେ ଶେଷ ହେବା ପରେ ୩୩ ମିନିଟ୍‌ରେ ଭାରତ ପକ୍ଷରୁ ଓଡ଼ିଆ ପୁଅ ମୁକେଶ ଟୋପ୍ପୋ ପେନାଲ୍ଟି କର୍ଣ୍ଣରକୁ ଗୋଲ୍‌ରେ ପରିଣତ କରି ଦଳକୁ ଆଗୁଆ କରିଥିଲେ। ହେଲେ ମ୍ୟାଚ୍ ଶେଷ ୪ ମିନିଟ୍ ଥିଲା ବେଳେ ଜର୍ମାନି ଗୋଲ୍ ଦେଇ ସ୍ଥିତି ବରାବର କରିଥିଲା। ଫଳରେ ମ୍ୟାଚ୍ ସୁଟ୍‌ଆଉଟ୍‌କୁ ଯାଇଥିଲା। ଏଥିରେ ଭାରତ ୩-୧ରେ ବିଜୟୀ ହୋଇଥିଲା। ଭାରତର ଗୁରଜୋତ ସିଂହ, ଧୀରାଜ ସିଂହ ଓ ମନମୀତ ସିଂହ ଗୋଲ୍ ଦେଇଥିଲେ।

ଅନ୍ୟପକ୍ଷରେ ମହିଳା ହକି ଦଳ ସ୍ଥାନୀୟ କ୍ଲବ୍ ଅରେଞ୍ଜ୍ ରୁଡ୍ ସହ ୨-୨ ଗୋଲ୍‌ରେ ମ୍ୟାଚ୍ ଅମୀମାଂସିତ ରଖିଥିଲା। ଭାରତର ସଂଜନା ହୋରୋ (୧୮ ମିନିଟ୍)ଙ୍କ ଗୋଲ୍‌ରେ ଦଳ ପ୍ରଥମାର୍ଦ୍ଧକୁ ୧-୦ରେ ନିଜ ପକ୍ଷରେ ରଖିଥିଲା। ତୃତୀୟ କ୍ୱାର୍ଟରରେ ଅରେଞ୍ଜ୍ ରୁଡ୍‌ର ଖେଳାଳି ଦୁଇଟି ଗୋଲ୍ ଲଦି ଦେଇ ସ୍ଥିତି ନିଜ ପକ୍ଷକୁ ନେଇଥିଲେ। ମ୍ୟାଚ୍ ଶେଷ ହେବାକୁ ଆଉ ୨ ମିନିଟ୍ ଥିବାବେଳେ ଅନିଶା ସାହୁ (୫୮ମିନିଟ୍)ଙ୍କ ଗୋଲ୍‌ରେ ଭାରତ ମ୍ୟାଚ୍‌କୁ ଅମୀମାଂସିତ ରଖିଥିଲା।

ସାର୍ଥକଙ୍କୁ ୩ ପଦକ

ନୂଆଦିଲ୍ଲୀ, ୩୦/୫(ଇମିସ): ଶ୍ରୀଲଙ୍କାର କାଣ୍ଡିସ୍ଥିତ ମ୍ୟୁନିସିପାଲ କାଉନସିଲ୍ ଇନ୍‌ଡୋର ଷ୍ଟାଡିୟମ୍‌ରେ ଆୟୋଜିତ ଦକ୍ଷିଣ ଏସୀୟ

ଦକ୍ଷିଣ ଏସୀୟ ଯୁବ ଟିଟି

ଯୁବ ଟେବୁଲ୍ ଟେନିସ (ଟିଟି) ପ୍ରତିଯୋଗିତାରେ ଓଡ଼ିଆ ପୁଅ ତଥା ଉଦୀୟମାନ ତାରକା ସାର୍ଥକ ଆର୍ଯ୍ୟଙ୍କୁ ସଫଳତା ମିଳିଛି। ସେ ଏହି ପ୍ରତିଯୋଗିତାରେ ୨ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ସହ ତିନିଟି ପଦକ କରାୟତ୍ତ କରିଛନ୍ତି। ୧୫ ବର୍ଷରୁ କମ୍ ଏକକରେ ରୌପ୍ୟ ଜିତିଥିଲା ବେଳେ ଏହି ବୟସ ବର୍ଗ ମିଶ୍ରିତ ଯୁଗଳ ଓ ଦଳଗତରେ ସ୍ୱର୍ଣ୍ଣ ପାଇଥିଲେ। ଏହି ସଫଳତା ଆଧାରରେ ସେ ଜୁନ୍ ୩୦ରୁ ଜୁଲାଇ ୬ ପର୍ଯ୍ୟନ୍ତ ଚୀନ୍‌ରେ ହେବାକୁଥିବା ଏସୀୟ ଯୁବ ଟିଟି ପ୍ରତିଯୋଗିତାରେ ଭାଗ ନେବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ସୂଚନାଯୋଗ୍ୟ, ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ୍ ଅର୍ନ୍ତଗତ ଗୁଣ୍ଡିଲୋ ଗରମା ଗ୍ରାମର ମୂଳ ବାସିନ୍ଦା ସାର୍ଥକ ବର୍ତ୍ତମାନ ସୋନିପତ୍‌ସ୍ଥିତ ଦିଲ୍ଲୀ ପବ୍ଲିକ୍ ସ୍କୁଲରେ ଦଶମ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି। ଏଥି ପୂର୍ବରୁ ସାର୍ଥକ ବିଭିନ୍ନ ବିଶ୍ୱସ୍ତରୀୟ ଓ ଜାତୀୟସ୍ତରୀୟ ଟିଟି ପ୍ରତିଯୋଗିତାରେ ଏକାଧିକ ପଦକ ଜିତିଛନ୍ତି। ଆଗକୁ ଅଲିମ୍ପିକ୍ସରେ ପଦକ ଜିତିବା ଲକ୍ଷ୍ୟ ରଖିଛନ୍ତି ଏବଂ ଏଥିପାଇଁ ପ୍ରଶିକ୍ଷଣ ନେବା ସହିତ କଠିନ ପରିଶ୍ରମ ଜାରି ରଖିଥିବା କହିଛନ୍ତି।

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ଆବିର୍ଭାବ : ୧୩ ଜୁଲାଇ ୧୯୬୮

ତିରୋଧାନ : ୧୯ ମେ ୨୦୨୪

√ ପରିମଲ କୁମାର ରାୟ (ବାବ୍‌ଲୁ)

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନଶୋଷୟତି ମାରୁତଃ ॥

ଗତ ତା ୧୯ ମେ ୨୦୨୪ ରବିବାର, ପବିତ୍ର ଜ୍ୟେଷ୍ଠ ମାସ ଶୁକ୍ଳ ପକ୍ଷ ଏକାଦଶୀରେ ଆମ୍ଭମାନଙ୍କୁ ଶୋକସାଗରରେ ଭସାଇ ଆରପାରିକୁ ଚାଲିଗଲେ। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଆଦର୍ଶ, କର୍ତ୍ତବ୍ୟପରାୟଣତା, ନିଷ୍ଠାପରତା ସଦାସର୍ବଦା ଆମ ପାଇଁ ପ୍ରେରଣାର ଉତ୍ସ ହୋଇରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ।

॥ ଓଁ ଶାନ୍ତି ॥

ଶୋକସନ୍ତପ୍ତ : ପୁତ୍ର: ପିୟୁଷ ରାୟ (ଟିଣ୍ଟୁ), ପରିବାର ଓ ବନ୍ଧୁପରିଜନ

ମହାନଦୀ କୋଲଫିଲ୍‌ଡସ ଲିମିଟେଡ୍
(କୋଲ ଇଣ୍ଡିଆ ଲିମିଟେଡ୍ ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା
ଟେଲିଫୋନ୍ (ଇପିଏବିଏକ୍ସ)-୦୬୬୩-୨୫୪୨୪୬୧ ରୁ ୪୬୯, ୱେବସାଇଟ୍ : www.mahanadicoal.in

ବିଜ୍ଞପ୍ତି

"ସାମଗ୍ରୀ ଗୁଡ଼ିକର କ୍ରୟ କାର୍ଯ୍ୟ ଏବଂ ସେବା ସଂଗ୍ରହ ନିମନ୍ତେ CIL ଏବଂ ଏହାର ସହାୟକ ଅନୁଷଙ୍ଗୀ କମ୍ପାନିମାନଙ୍କ ଦ୍ୱାରା ଜାରି କରାଯାଇଥିବା ସମସ୍ତ ଟେଣ୍ଡର କୋଲ ଇଣ୍ଡିଆ ଲିମିଟେଡର ୱେବ୍‌ସାଇଟ୍ www.coalindia.in, ସଂପୃକ୍ତ ସହାୟକ କମ୍ପାନି (MCL, www.mahanadicoal.in), CIL ଇ-ପ୍ରକ୍ୟୁର୍‌ମେଣ୍ଟ ପୋର୍ଟାଲ https://coalindiatenders.nic.in ଏବଂ ସେଣ୍ଟ୍ରାଲ ପବ୍ଲିକ୍ ପ୍ରକ୍ୟୁର୍‌ମେଣ୍ଟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ହେଉଛି । ଏତଦ୍‌ବ୍ୟତୀତ, GeM ପୋର୍ଟାଲ https://gem.gov.in ଜରିଆରେ ମଧ କ୍ରୟ ସମ୍ପାଦନ କରାଯାଏ ।"

R-5210

ସର୍ବସାଧାରଣ ବିଜ୍ଞପ୍ତି

ରେଳପଥ ନିରାପଦ ଆୟୁକ୍ତ, ଦକ୍ଷିଣ ପୂର୍ବ ସର୍କଲ ୩୧.୦୫.୨୦୨୪ରେ ଚକ୍ରଧରପୁର ଡ଼ିଭିଜନର ନୌଆଗାଁ-ବାଙ୍ଗୁରକେଲା ମଧ୍ୟରେ ନବନିର୍ମିତ ଦ୍ୱୈତ ଲାଇନ୍ ନିରୀକ୍ଷଣ କରିବେ

ଏତଦ୍ଦ୍ୱାରା ରେଳପଥ ନିରାପଦ ଆୟୁକ୍ତ, ଦକ୍ଷିଣ ପୂର୍ବ ସର୍କଲ, କୋଲକାତା ୩୧.୦୫.୨୦୨୪ ରେ ଚକ୍ରଧରପୁର ଡ଼ିଭିଜନର ନୌଆଗାଁ- ବାଙ୍ଗୁରକେଲା ମଧ୍ୟରେ ନବନିର୍ମିତ ଦ୍ୱୈତ ଲାଇନ ଖୋଲାଯିବା ପାଇଁ ଏକ ନିରୀକ୍ଷଣ କାର୍ଯ୍ୟ ପରିଚାଳନା କରାଯିବ। ଆବଶ୍ୟକୀୟ ନିରୀକ୍ଷଣ କାର୍ଯ୍ୟ ଇନିସ୍ପେକ୍‌ସନ ସ୍ପେଶାଲ, ମୋଟର ଟ୍ରଲି, ପୁସ୍ ଟ୍ରଲି ଇତ୍ୟାଦି ଦ୍ୱାରା କରାଯିବ ଏବଂ ୩୧.୦୫.୨୦୨୪ରେ ଇନିସ୍ପେକ୍‌ସନ ସ୍ପେଶାଲ ଦ୍ୱାରା ସ୍ପିଡ୍ ଟ୍ରାଏଲ୍ କରାଯିବ। ସଡ଼କ ବ୍ୟବହାରକାରୀ, ସ୍ଥାନୀୟ ଜନତା ଏବଂ ଅନ୍ୟ ବ୍ୟବହାରକାରୀଙ୍କୁ ଏତଦ୍ଦ୍ୱାରା ଦୃଷ୍ଟି ଆକର୍ଷଣ କରାଯାଉଛି ଏବଂ ଯେତେବେଳେ ଲାଇନ ପାର ହେଉଛନ୍ତି ପର୍ଯ୍ୟାପ୍ତ ନିରାପଦା ସାବଧାନତା ଅବଲମ୍ବନ କରନ୍ତୁ ଏବଂ ଲାଇନ ଅତିକ୍ରମ କରିବାରୁ ଦୂରେଇ ରୁହନ୍ତୁ।

(PR-203) ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ), ଗାର୍ଡ଼େନ ରିଚ୍

ଦକ୍ଷିଣ ପୂର୍ବ ରେଳପଥ
ଆମେ ହର୍ଷର ସହ ସେବାରତ

ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ, ଓଡ଼ିଶା, କଟକ

SAMS
Student Academic Management System
Skilled in ODISHA

ରାଜ୍ୟର ସରକାରୀ ଓ ବେସରକାରୀ ଆଇ.ଟି.ଆଇ. ମାନଙ୍କରେ ୨୦୨୪-୨୫ ଶିକ୍ଷାବର୍ଷର ନାମଲେଖା ବିଜ୍ଞାପନ

ନଂ-7640, ତା -30.05.2024

KK-3: ଆଇ.ଟି.ଆଇ ତାଲିମ ନିମିତ୍ତ ଇଚ୍ଛୁକ ଛାତ୍ରଛାତ୍ରୀମାନଙ୍କୁ ସୂଚାଇ ଦିଆଯାଉଅଛି ଯେ, ୨୦୨୪-୨୫ ଶିକ୍ଷାବର୍ଷରେ ରାଜ୍ୟରେ ସରକାରୀ ଓ ବେସରକାରୀ ଆଇ.ଟି.ଆଇ ମାନଙ୍କରେ SAMS ଜରିଆରେ କେନ୍ଦ୍ରୀୟ ଅନଲାଇନ ପଦ୍ଧତିରେ ନାମ ଲେଖାଯାଉଅଛି। ଏଥିପାଇଁ ଅନଲାଇନ ମାଧ୍ୟମରେ ଆବେଦନପତ୍ର ତା୦୧.୦୪.୨୦୨୪ରିଖ ଠାରୁ ଗ୍ରହଣ କରାଯାଉଅଛି। ପ୍ରଥମ ପର୍ଯ୍ୟାୟ ନାମଲେଖାର ଆବେଦନ କରିବାର ଶେଷ ତାରିଖ ୨୦.୦୬.୨୦୨୪ ରଖାଯାଇଅଛି।

ନାମଲେଖା ପ୍ରଣାଳୀ:

କ) ଆବେଦନକାରୀ ତା ୦୧.୦୮.୨୦୨୪ରିଖ ସୁଦ୍ଧା ୧୪ ବର୍ଷ ବୟସର ହୋଇଥିବେ, କିନ୍ତୁ ସର୍ବାଧିକ ବୟସ ସୀମା କିଛି ନାହିଁ।

ଖ) ବିଭିନ୍ନ ଇଞ୍ଜିନିୟରିଂ ଏବଂ ଅଣ ଇଞ୍ଜିନିୟରିଂ ଟ୍ରେଡ ପାଇଁ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା (୧୦ମ ଶ୍ରେଣୀ ପାସ/ ୧୦ମ ଶ୍ରେଣୀ ଫେଲ୍) ସମ୍ବନ୍ଧୀୟ ତଥ୍ୟ SAMS Portal www.samsodisha.gov.in ବା www.dtetodisha.gov.in ରେ ଉପଲବ୍ଧ ଅଛି।

ଗ) SAMS ପୋର୍ଟାଲ -www.samsodisha.gov.in ବା www.dtetodisha.gov.in ରେ Login କରି ପ୍ରଥମ ପର୍ଯ୍ୟାୟ ଶେଷ ତାରିଖ ୨୦.୦୬.୨୦୨୪ ପର୍ଯ୍ୟନ୍ତ onlineରେ ପଞ୍ଜିକୃତ କରି ଆବେଦନ କରିପାରିବେ।

ଘ) ୧୦ମ ଶ୍ରେଣୀ ପରୀକ୍ଷାର ଫଳାଫଳ ଅନୁସାରେ ଆବେଦନକାରୀମାନେ ସେମାନଙ୍କର ମାର୍କ ଓ ଆବଶ୍ୟକୀୟ ପ୍ରମାଣ ପତ୍ରର ବିବରଣୀ SAMS ପୋର୍ଟାଲରେ ଅପଲୋଡ କରିପାରିବେ।

ଙ) ଅଧିକ ବିବରଣୀ ନିମିତ୍ତ, ପ୍ରାର୍ଥୀ ସହାୟତା ଟୋଲ ଫ୍ରି ନମ୍ବର- ସଂଯୋଗ Helpline-୧୫୫୩୩୫ କିମ୍ବା ୧୮୦୦-୩୪୫-୬୭୭୦କୁ ଯୋଗାଯୋଗ କରି କୁଶଳୀ କାରିଗର ହେବାପାଇଁ ଏହି ସୁଯୋଗ ନିଅନ୍ତୁ।

ସ୍ୱା/- ନିର୍ଦ୍ଦେଶକ,
OIPR 44008/11/0004/2425 ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶାଳୟ, ଓଡ଼ିଶା

ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, ବଲାଙ୍ଗିର

ବିଜ୍ଞପ୍ତି ସଂଖ୍ୟା. ୪୦୧ DCPU/BLGR/2024 ତା. ୨୮.୦୫.୨୦୨୪

ପ୍ର-20: ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନରେ ଦର୍ଶିତ ହୋଇଥିବା ଏକ ଶିଶୁକନ୍ୟା ବଲାଙ୍ଗିର ସଦର ଥାନା, ଶିକାଛିଡା ଗ୍ରାମ ପଞ୍ଚାୟତ ଖର୍ଲିକାନି ଗାଁ ମୁଣ୍ଡରୁ ଖର୍ଲିକାନି ଗ୍ରାମବାସୀ ଶ୍ରୀ ବସନ୍ତ ପରାଭୁଏ ବ୍ୟାଗ ଭିତରୁ କ୍ରନ୍ଦନରତ ଅବସ୍ଥାରେ ଗତ ୦୩.୦୫.୨୦୨୪ ରିଖ ଦିନ ସକାଳ ଘ. ୦୬.୦୫ମି ସମୟରେ ଖର୍ଲିକାନି ଛକ ପାଖରୁ ଉଦ୍ଧାର କରିଥିଲେ। ବସନ୍ତ ପରାଭୁଏ ତାଙ୍କ ପତ୍ନୀ ସୁରୁବାଲି ପରାଭୁଏଙ୍କ ସହିତ ମିଶି ଶିଶୁଟିକୁ ବଲାଙ୍ଗିର ଭୀମଭୋଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଶିଶୁଟି ଶିଶୁ ବିଭାଗ SNCU ରେ ଚିକିତ୍ସିତ, ଏବଂ ଶିଶୁ ମଙ୍ଗଳ କମିଟୀ, ବଲାଙ୍ଗିରଙ୍କ ପତ୍ର ସଂଖ୍ୟା. ୫୦୭, ତା. ୦୩.୦୫.୨୦୨୪ରିଖ କ୍ରମେ ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର, ବଲାଙ୍ଗିରକୁ ତତ୍ତ୍ୱାବଧାନରେ ରହିବା ପାଇଁ ଆଦେଶ ଦେଇଛନ୍ତି। ପ୍ରାପ୍ତ ସୂଚନା ମୁତାବକ ଶିଶୁଟିର ରଙ୍ଗ ଗୋରା ଏବଂ ସେ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି। ଯଦି, ଉକ୍ତ ଶିଶୁର ପିତା/ ମାତା/ ଅଭିଭାବକ କିମ୍ବା ଆଇନ ସିଦ୍ଧ ଦାବୀଦାର ଥାଆନ୍ତି, ତାହାହେଲେ ଉକ୍ତ ବିଜ୍ଞାପନ ପ୍ରକାଶିତ ହେବାର ୩୦ ଦିନ ମଧ୍ୟରେ ଶିଶୁ ମଙ୍ଗଳ କମିଟୀ, ବଲାଙ୍ଗୀର କିମ୍ବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ବଲାଙ୍ଗିରଙ୍କ କାର୍ଯ୍ୟାଳୟରେ ଉପଯୁକ୍ତ ପ୍ରମାଣ ପତ୍ର ସହ ଯୋଗାଯୋଗ କରିପାରିବେ। ଯଦି କୌଣସି ପିତା/ ମାତା ଅଭିଭାବକ କିମ୍ବା ଆଇନ ସିଦ୍ଧ ଦାବୀଦାର ନ ମିଳନ୍ତି ତାହେଲେ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ, ୨୦୧୫ ଓ ସଂଶୋଧିତ ଆଇନ, ୨୦୨୧ ଅନୁଯାୟୀ, ଶିଶୁଟିକୁ ପୋଷ୍ୟ ସନ୍ତାନ ରୂପେ ଯୋଗ୍ୟ ଘୋଷଣା କରାଯାଇ ଶିଶୁର ସର୍ବୋତ୍ତମ ସ୍ୱାର୍ଥ ଦୃଷ୍ଟିରୁ କିଶୋର ନ୍ୟାୟ ଆଇନ ଅନୁଯାୟୀ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ।

OIPR 33036/11/0004/2425 ସ୍ୱା/- ଜିଲ୍ଲାପାଳ, ବଲାଙ୍ଗିର

ଆପଣଙ୍କ ପ୍ରିୟଜନଙ୍କୁ ଅନ୍ତରରୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି
ଶ୍ରଦ୍ଧା ସୁମନ

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

√ ଗଣେଶ ଚନ୍ଦ୍ର ପାତ୍ର

୬ଷ୍ଠ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି

√ ଗୀତାଞ୍ଜଳି ଖୁଣ୍ଟିଆ

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

√ ମିନତୀ ପଣ୍ଡା

ଆବିର୍ଭାବ: ୮.୦୬.୧୯୫୪
ତିରୋଧାନ: ୨୩.୦୪.୨୦୨୨

ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ନିଷ୍ଠା ଓ ଆଦର୍ଶ ଆମ୍ଭମାନଙ୍କ ଜୀବନରେ ପାଥେୟ ହେଉ। ଆପଣଙ୍କ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।

ସୂଚନା

ସମ୍ବାଦ ରେ ବିଜ୍ଞାପନ ପ୍ରକାଶ ପାଇଁ ସହଜ ଉପାୟ

SCAN & PAY Rs.2625/-

EASTERN MEDIA LIMITED

classifieds@sambad.in

DISPLAY CLASSIFIED
ALL EDITION EVERY DAY
For Advertisement Contact : 8328925745, 9178611996

4 X 5	4 X 10
2 Nos. @ 3500	2 Nos. @ 6000
5 Nos. @ 4500	5 Nos. @ 8500
10 Nos. @ 8500	10 Nos. @ 16000
21 Nos. @ 17500	21 Nos. @ 33500
40 Nos. @ 32000	40 Nos. @ 56000

ଆଶାବରୀ ASHABAREE
ବରିଷ୍ଠ ନାଗରିକ ଆବାସ, ପାହାଳ, ଭୁବନେଶ୍ୱର
ମାସିକ ଦେୟ ଯୁକ୍ତ, ଶିତତାପ କୋଠରୀ ଓ ଅନ୍ୟ ସମସ୍ତ ସୁବିଧାସହ ମଧ୍ୟବିତ୍ତ ଶ୍ରେଣୀର କିଛି ବୟସ୍କ ରହୁଛନ୍ତି । ଆସି ଦେଖନ୍ତୁ ଓ ଜାଣନ୍ତୁ ।
7978810877
9437033149
Visit Us: www.ashabaree.org

ADMISSION NOTICE-2024-25
Manjari Devi College & School of Nursing
Affiliated to OUHS & Approved by INC, New Delhi
Centre of Excellence for Bright Career
City Office : 208, Manjari Mahal, Unit-3, Kharavel Nagar, Bhubaneswar
Campus: 262, Puranpadhan, Balakati, Bhubaneswar
Mob. 7019799641, 7978608747, 9853801459, W- 7846870984
Email: mdscnbbsr@gmail.com
M.Sc.Nursing
P.B.B.Sc. Nursing
B.Sc. Nursing
GNM ANM
MPH DMLT

www.swomenagarbati.com
ସୋମେନ୍ ଅଗରବତୀ
8249853554
9692848811

ବ୍ୟବସାୟ
କୁକୁଡ଼ା ଚାଷ, ମାଛଚାଷ, ଗାଈ ପାଳନ, ଛେଳି ପାଳନ, ଛତୁଚାଷ ଓ ପନିପରିବା ଚାଷ ସବୁ ପ୍ରକାର ବ୍ୟବସାୟ ବ୍ୟକ୍ତିଗତ ବିକାଶ ପାଇଁ ସାହାଯ୍ୟ ଆମ ଠାରୁ ପାଆନ୍ତୁ
8895872573
8895873378

For +2 Science FAIL Students
Both CBSE & CHSE
Guarantee PASS With Good %
Royal Classes
A-19, B.J.B. Nagar Bhubaneswar -14
7978818328
9692354713

JOIN OUR SMART TEACHER'S PROGRAM
B.Ed
SANSKRIT B.Ed
GET 15,000/- PM WITH FREE HOSTEL
SAI INSTITUTE
N1/183, IRC Village, Bhubaneswar
Contact : 9827636370, 9040776291, 7440014400

LED LIGHT INDUSTRY
LED Light Manufacturing Business
7750087295

ନାମଲେଖା ଚାଲୁଅଛି
ବିଦ୍ୟାର୍ଥୀ ରେସିଡେନ୍ସିଆଲ୍ ହାଇସ୍କୁଲ
ତୃତୀୟ ଠାରୁ ଦଶମ
MOBILE: 9437314592, 9437621339, 7788993002
E-mail: bdr.highschool@gmail.com

10th,+2,+3, PG
IET, A/39, Ruchika Market, Baramunda Bhubaneswar-751003
Mob.: 9778030674 9090951757

CONTACT
For Advertisement Booking
BBSR : 8328925745, 9178611996
Cuttack : 9937764045
Jajpur : 9437252157
Angul : 7008634710
Balasore : 7008156440
Berhampur : 7008066808
Jeypore : 9438842693
Sambalpur : 9437609476
Rourkela : 8789077667